# ଜିଲ୍ଲାପାଳଙ୍କ ଦ୍ୱାରା '୫ଟି'ର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା ।

ଲୋକମାନଂକୁ ବିଭିନ୍ନ ସେବା ନିର୍ଦ୍ଧାରିତ ସମୟରେ ଯୋଗାଇ ଦେବାକୁ ମୋ ସରକାର ଯୋଜନାରେ '୫ଟି' କଡାକଡି ଭାବେ କାର୍ଯ୍ୟକାରୀ ହେଉଛି । ଅନୁଗୋଳ ଜିଲ୍ଲାରେ ଏହା କିପରି ଚାଲିଛି ପ୍ରତ୍ୟେକ ମାସ ୪ର୍ଥ ଶନିବାରରେ ଏହାର ସମୀକ୍ଷା କରାଯାଉଛି । ଗତ ୨୮ ତାରିଖରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକମାନଂକୁ ତ୍ୱରିତ ସେବା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଅବଗତ ହୋଇଥିଲେ । '୫ଟି' କାର୍ଯ୍ୟକାରୀ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ପରିସର ଓ ସ୍ୱାସ୍ଥ୍ୟ ସେବାରେ ଅନେକ ଉନ୍ନତି ଆସିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପଲବଧ ସମ୍ବଳକୁ ବିନିଯୋଗ କରି ରୋଗୀମାନଂକୁ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ନିହାତି ଆବଶ୍ୟକ ପଡିଲେ ସଂକଟାପନ୍ନ ରୋଗୀମାନଂକୁ ଏସ୍ ସି ବିକୁ ଚିକିତ୍ସା ପାଇଁ ପଠାଇବାକୁ ପରାମର୍ଶ ଦେଇଛନ୍ତି । ଏସ୍ ସି ବି କୁ ରେଫର କରାଯାଉଥିବା ରୋଗୀମାନଂକର ରୋଗ ଓ ଚିକିତ୍ସା ସମ୍ପର୍କରେ ସବିଶେଷ ତଥ୍ୟ ସମ୍ପୃକ୍ତ ଡାକ୍ତରମାନଂକୁ ମାଗିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଉପଜିଲ୍ଲାପାଳମାନେ ନିୟମିତ ବିଭିନ୍ନ ଡାକ୍ତରଖାନାକୁ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବାରେ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଂକୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି । ସଦର ମହକୁମାରେ ଡାକ୍ତରମାନେ ରହିବା ସହ ପ୍ରତ୍ୟହ ରୋଗୀମାନଂକର



ଫିଡବ୍ୟାକ ନିଅନ୍ତୁ । ଶିକ୍ଷା ବିଭାଗ ଦ୍ୱାରା ମେଧାବୀ ଓ ପାଠରେ ଦୁର୍ବଳ ଥିବା ପିଲାମାନଂକ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ପ୍ରତ୍ୟେକ ସପ୍ତାହରେ ପିଲାଂକ ମଧ୍ୟରେ ପରିକ୍ଷା କରାଯାଇ ସେମାନଂକର ପାଠପଢାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜଳ ଯୋଗାଣ ସମସ୍ୟା ଯେଉଁଠି ଦେଖା ଦେଉଛି ୨୪ ଘଣ୍ଟା ମଧ୍ୟରେ ତାର ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ଖଣିଜ ପାଣ୍ଠିରେ ଚାଲୁଥିବା ନଳକୂପ ଓ ପାଇପ ଜଳ ଯୋଗାଣର କାର୍ଯ୍ୟକାରିତାକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଅନୁଗୋଳ ସହରାଂଚଳର ପ୍ରତ୍ୟେକ ଘରେ ଚାଲିଥିବା ପାନୀୟ ଜଳ ଯୋଗାଣ କାର୍ଯ୍ୟକୁ ତୁରନ୍ତ ସାରିବା ସହ ମେଗା ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସେହିପରି କୃଷି,ଉଠାଜଳସେଚନ,ଉଦ୍ୟାନ,ପଶୁ ସମ୍ପଦ,ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ ଓ ବିଭିନ୍ନ ଭତ୍ତା ପ୍ରଦାନ କାର୍ଯ୍ୟକୁ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଧାନ କିଣା କାର୍ଯ୍ୟ କିପରି ଶାନ୍ତି ଶୃଂଖଳାର ସହ ଚାଲିବ ଓ ଚାଷୀ ମାନେ ସେମାନଂକର ପ୍ରାପ୍ୟ ନିର୍ଦ୍ଧାରିତ ସମୟରେ ପାଇ ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ଏହି ବୈଠକରେ ପଦୋନ୍ନତି ପାଇବାକୁ ଥିବା କର୍ମଚାରୀମାନଂକର ସମସ୍ତ ପ୍ରକାର ଆନୁସଂଗିକ କାର୍ଯ୍ୟ ସାରି ତୁରନ୍ତ ସେମାନଂକୁ ପଦୋନ୍ନତି ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସେହିପରି ଚାକିରୀରୁ ଅବସର ନେଉଥିବା କର୍ମଚାରୀମାନଂକୁ ସମସ୍ତ ପ୍ରକାର ଆନୁସଂଗିକ ପ୍ରକ୍ରିୟା ସାରି ଚାକିରିର ଶେଷ ଦିବସରେ ଚୁଡାନ୍ତ ପେନସନ୍ ମଂଜୁର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅଂଗନଓ୍ୱାଡି କର୍ମୀମାନଂକର ପଦୋନ୍ନତି ସମ୍ପର୍କରେ ତୁରନ୍ତ ଜଣାଇବାକୁ ପରାମର୍ଶ ଦିଆଯାଇଛି । ଚାକିରୀରେ ୫୫ ବର୍ଷ କିମ୍ବା ୩୦ ବର୍ଷ ଚାକିରୀ କରିଥିବା କର୍ମଚାରୀମାନଂକର କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଜାନୁୟାରୀ ୧୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ , ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ,ଆଠମଲ୍ଲିକ ଉପଜିଲ୍ଲାପାଳ ଡା.ରଜନୀକାନ୍ତ ବିଶ୍ୱାଳ,ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନ ଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

